# Akashvani, Sambalpur

## SAMBALPURI NEWS BULLETIN

### 26 April 2024- 6.47- 6.52 am.

*********************************************

ଦେଶ୍- ୨ ନମ୍ବର୍ ଖେପ୍ ନିର୍ବାଚନ୍          ଆର୍ଏନ୍ୟୁ/ ସମ୍ବଲପୁର

ଲୋକସଭା ନିର୍ବାଚନ୍‌ର ଦୁଇ ନମ୍ବର ଖେପେ ଆଏଜ୍ ଦେଶର ୧୩ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ ଇଲାକାର ୮୮ଟା ଲୋକସଭା ଆସନ ଲାଗି ଭୋଟ୍ ହେବା । ଆଏଜ୍ ସକାଲର ୭ ବଜେ ଭୋଟ୍ ମୂଲ୍ ହେଇ କରି ସଞ୍ଜର୍ ୬ ବଜେ ତକ୍ ଚାଲ୍‌ବା । ନିର୍ବାଚନ୍‌କେ ସୁରୁଖୁରୁଥି ପରିଚାଳନା ଲାଗି ସବୁ ରକ୍‌ମର୍ ବ୍ୟବସ୍ଥା କରାଯାଇଛେ  ବଲି ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ସୂଚ୍‌ନା ମିଲିଛେ । ଇନ ଜନେଇ ଦିଆଯାଇପାରେ ଯେ, ଇ ସବୁ ସଂସଦୀୟ କ୍ଷେତ୍ର ନ ୧୬କୋଟି ଭୋଟର୍ ଅଛନ୍ । ଇଥିର୍‌ଲାଗି ୧ ଲାଖ୍ ୬୭ହଜାର ପୁଲିଂ ବୁଥ୍ କରାଯାଇଛେ ।

୨ ନମ୍ବର୍ ଖେପ୍ ଭୋଟ୍          ଆର୍ଏନ୍ୟୁ /  ସମ୍ବଲପୁର

ରାଏଜେ ୨ ନମ୍ବର୍ ଖେପ୍ ଭୋଟ୍ ଲାଗି ନିର୍ବାଚନ୍ ଆୟୋଗଙ୍କର୍ ତର୍ଫୁ ଆଏଜ୍ ବିଜ୍ଞପ୍ତି ବାହାର୍‌ବା । ଇତାର୍‌ସହେତେ ଆଏଜ୍‌ଠାନୁ ନାମାଙ୍କନ୍ ଦାଖଲ୍ ପ୍ରକ୍ରିୟା ମୁଲ୍ ହେବା । ଇ ଖେପେ ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ବଲାଙ୍ଗିର୍, କନ୍ଧମାଲ୍ ଆର୍ ଆସ୍କା ସଂସଦୀୟ କ୍ଷେତ୍ର ଆଉ ଇତାର୍ ଅଧୀନ୍‌ଥି ଥିବା ୩୫ ଟା ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ମେ ମାସର୍ ୩ ତାରିଖତକ୍ ନାମାଙ୍କନ୍ ପତ୍ର ଦାଖଲ୍‌ର ଶେଷ୍ ଦିନ୍ ରହିଥିବାର୍ ବେଲେ ମେ ୪ ତାରିଖ୍ ଦିନ ନାମାଙ୍କନ୍ ପତ୍ର ଯାଂଚ୍ ହେବା । ସେନ୍ତା ମେ ୬ ତାରିଖ୍‌ତକ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍ କରାଯାଇପାର୍‌ବା । ମେ ୨୦ ତାରିଖ୍ ଦିନ ଭୋଟ୍ ହେବା ।

ନାମାଙ୍କନ ପତ୍ର ଦାଖଲ୍ ଶେଷ୍‌ଦିନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ପହେଲା ଖେପ୍‌ଥି କଲାହାଣ୍ଡି, ନବରଙ୍ଗ୍‌ପୁର୍, ବ୍ରହ୍ମପୁର୍ ଆର୍ କୋରାପୁଟ୍ ଲୋକ୍‌ସଭା ଆସନ୍ ସହେତେ ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ଆଏବା ମାସ ୧୩ ତାରିଖ୍ ଦିନ ଭୋଟ୍ ହେବା । ଇଥିର୍‌ଲାଗି ଗଲାକାଏଲ୍ ନାମାଙ୍କନ୍ ପତ୍ର ଦାଖଲ୍ ଶେଷ୍ ହେଇଛେ । ଆଏଜ୍ ନାମାଙ୍କନ୍ ପତ୍ର ମାନ୍‌କର୍ ଯାଂଚ୍

ହେବା । ୨୯ ତାରିଖ୍ ଦିନ  ନାମାଙ୍କନ୍ ପତ୍ର ପ୍ରତ୍ୟାହାର୍ ଲାଗି ଶେଷ୍ ଦିନ୍ ଧାରିଜ୍ କରାଯାଇଛେ ବଲି ନିର୍ବାଚନ୍ ଆୟୋଗଙ୍କର୍ ତର୍ଫୁ ସୂଚ୍ନା ମିଲିଛେ ।

ସର୍କାର୍ ଡାକ୍ତର୍ଖାନା ପରିସର୍- ଉଷୋଦୁକାନ୍ ଉଚ୍ଛେଦ୍

ଆର୍ଏନ୍ୟୁ /  ସମ୍ବଲପୁର

ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲାର୍ ସର୍କାରୀ ଡାକ୍ତର୍ଖାନା ପରିସର୍ ନ ଥିବା ଶହେ ୧ ଟା ଉଷୋ ଦୁକାନ୍କେ ୧୫ ଦିନ୍ ଭିତ୍ରେ ଉଠେଇ ଦିଆଯିବା । ଇଥିର୍ଲାଗି ସ୍ୱାସ୍ଥ୍ୟ ବିଭାଗ୍ର ପ୍ରମୁଖ ଶାସନ୍ ସଚିବ ଶାଳିନୀ ପଣ୍ଡିତ୍ ବ୍ରହ୍ମପୁର୍ର ଏମ୍କେସିଜି, ବୁର୍ଲାର ଭୀମସାର୍ ମେଡ଼ିକାଲ୍ କଲେଜ୍ ଅଧିକ୍ଷକଙ୍କର୍ ସହେତେ ୨୪ ଟା ଜିଲ୍ଲାର୍ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଚିଠି ଲେଖିଛନ୍ । ହାଇକୋର୍ଟ ନ ଥିବା ମାମ୍ଲାର୍ ସର୍କାର୍ଙ୍କର୍ ପକ୍ଷିଆଥି ରାୟ ଆସ୍ବାର୍ ଉତ୍ରୁ ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ଇ ନିଷ୍ପତି ନିଆଯାଇଛେ ।

ଆଂଟି ଓ୍ୱାକେରୀ ସେଲ                ଆର୍ଏନ୍ୟୁ /  ସମ୍ବଲପୁର

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ଗଠନ୍ କରାଯାଇଥିବା 'ଆଂଟି କ୍ୱାକେରୀ ସେଲ୍' ଏତ୍କେ ଜିଲ୍ଲାସ୍ତର୍ ନ ନକ୍ଲି ଡାକ୍ତର୍ମାନ୍କୁ ଧର୍ବା । ଇ ସେଲ୍ ୧୫ ଦିନେ ଥରେ ନକ୍ଲି ଡାକ୍ତର୍ମାନ୍କର୍ ଉପ୍ରେ କାର୍ଯ୍ୟାନୁଷ୍ଠାନ୍ ବାବ୍ଦେ ସ୍ୱାସ୍ଥ୍ୟବିଭାଗ୍କେ ରିପୋର୍ଟ ଦେବା । ଇଥିର୍ଲାଗି ସ୍ୱାସ୍ଥ୍ୟବିଭାଗ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ ।

ୟୁପିଏସ୍ସି - କେଲେଣ୍ଡର୍ ଆର୍ଏନ୍ୟୁ / ସମ୍ବଲପୁର

ସଂଘୀୟ ଲୋକସେବା ଆୟୋଗ- ୟୁପିଏସ୍ସି ପରୀକ୍ଷା ୨୦୨୫ ଲାଗି ବାର୍ଷିକ୍ କେଲେଣ୍ଡର୍ ବାହାରିଛେ । ଆଏବା ୨୦୨୫ ଜାନୁଆରୀ ୨୨ ତାରିଖ୍ ଦିନ ସିଭିଲ୍ ସର୍ଭିସ୍ ପରୀକ୍ଷାର୍ ପ୍ରିଲିମ୍ ଲାଗି ଆବେଦନ୍ ମୁଲ୍ ହେବା । ଫେବୃଆରୀ ୧୧ ତାରିଖ୍ ଦିନ ଆବେଦନ୍ କାମ୍ ଶେଷ୍ ହେବା । ୟୁପିଏସ୍ସିର ସିଭିଲ୍ ସର୍ଭିସ୍ ପରୀକ୍ଷା ସହେତେ ଅଲ୍ଗା ପରୀକ୍ଷା ଲାଗି ଭିଲ୍ କାର୍ଯ୍ୟସୂଚୀ ବାହାରିଛେ । ଇ କାର୍ଯ୍ୟସୂଚୀ ଅନ୍ସାରେ ସିଭିଲ୍ ସର୍ଭିସ୍ର ପ୍ରିଲିମ୍ ପରୀକ୍ଷା ୨୦୨୫ ମେ ୨୫ ତାରିଖ୍ ଦିନ ହେବା । ମେନ୍ ପରୀକ୍ଷା ଅଗଷ୍ଟ ୨୨ ତାରିଖ୍ନୁ ମୁଲ୍ ହେଇକରି ୫ ଦିନ୍ତକ୍ ଚାଲ୍ବା । ଇ ବାବଦ୍ ସବୁ ସୂଚ୍ନା ୟୁପିଏସ୍ସି ୱେବ୍ସାଇଟ୍ www.upsc.gov.in ଥି ମିଲୁଛେ ।

ଓପିଏସ୍ ପଦୋନ୍ନତି                ଆର୍ଏନ୍ୟୁ /  ସମ୍ବଲପୁର

ରାଜ୍ୟର୍ ପୁଲିସ୍ ବାହିନୀଥି ଅତିରିକ୍ତ ଏସ୍.ପି. ଭାବେ କାମ୍ କରୁଥିବା ୨୬ ଝନ୍ ଓପିଏସ୍ ଅଫିସର୍ ଏସ୍.ପି. ପାହ୍ୟାକେ ପଦୋନ୍ନତି ପାଇଛନ୍ । ନିର୍ବାଚନ୍ ଉତ୍ରୁ ସେମାନ୍କୁ ନୂଆଁ ଜାଗାକେ ବଦ୍ଲି କରାଯିବା ବଲି ପୁଲିସ୍ ବିଭାଗ୍ ତର୍ଫୁ କୁହାଯାଇଛେ ।

ଏସ୍ସିବି-ଏନ୍ପିଏମ୍ ପାଠ୍ୟକ୍ରମ      ଆର୍ଏନ୍ୟୁ /  ସମ୍ବଲପୁର

ରାଏଜେ ପ୍ରସବ ଆଉ ପ୍ରସୂତିମାନ୍କୁ ଉନ୍ନତମାନ୍କର୍ ସ୍ୱାସ୍ଥ୍ୟସେବା ଯୁଗେଇ ଦେବାର୍ ଲାଗି କଟକ୍ ଏସ୍ସିବି ମେଡ଼ିକାଲ୍ ନ ନର୍ସ ପ୍ରାକ୍ଟିସନର୍ ମିଡ୍ୱାଇଫେରୀ - ଏନ୍ପିଏମ୍ ପାଠ୍ୟକ୍ରମ୍ ମୁଲ୍ ହେଇଛେ । ଫି ବେଚ୍ଥି ୩୦ ଝନ୍ ଲେଖା ସେବିକା ତାଲିମ୍ ନେବେ । ଇମାନେ ଗାଁଗହଲ୍ ଇଲାକା ନ ପ୍ରସବ କରାବେ । ଜାତୀୟ ସ୍ୱାସ୍ଥ୍ୟମିଶନ୍ ସାହାଜ୍ଥି ଏସ୍ସିବିର ସ୍ତ୍ରୀ ଆଉ ପ୍ରସୂତି ରୋଗ ବିଭାଗ୍ ନ ମିଡ୍ୱାଇଫେରୀ ଲେଡ୍ କେୟାର୍ ୟୁନିଟ୍ ଖୁଲାଯାଇଛେ ।

ସେକ୍ଟର୍ ଅଧିକାରୀ- ସମୀକ୍ଷା ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ବଲାଙ୍ଗିର୍ ଜିଲ୍ଲା ନ ସାଧାରଣ ନିର୍ବାଚନ୍‌କେ ଅବାଧ ଆଉ ନିରପେକ୍ଷ କର୍‌ବାର୍ ଲାଗି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସେକ୍ଟର୍ ଅଧିକାରୀମାନ୍‌କର୍ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀ ଗୌରଓ୍ୱ ଶିଓ୍ୱାଜୀ ଇସଲ୍‌ଓ୍ୱାର୍‌ଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା ଇ ବୈଠକ୍‌ଥି ପୁଲିଂ ଅଫିସର୍ ଆର୍ ପ୍ରିଜାଇଡିଂ ଅଫିସର୍‌ମାନେ ନିର୍ବାଚନ୍ ପରିଚାଳନାଥି ସେମାନ୍‌କର୍ ଦାୟିତ୍ୱ କେନ୍ତା ତୁଲାବେ ସେ ବାବ୍‌ଦେ ସେକ୍ଟର୍ ଅଧିକାରୀମାନେ ସମ୍ବେଦନ୍‌ଶୀଲ୍ ହେବାର୍‌କେ ପରାମର୍ଶ ଦିଆଯାଇଥିଲା ।

ନିର୍ବାଚନ୍- ତାଲିମ୍ କାର୍ଯ୍ୟକ୍ରମ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏବା ନିର୍ବାଚନ୍‌ଥି ଅଏତ୍‌କା ଭୋଟର୍‌ମାନ୍‌କୁ ସାମିଲ୍ କର୍‌ବାର୍ ଲାଗି ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ କାର୍ଯ୍ୟାଳୟର୍ ସମ୍ମିଳନୀ

କକ୍ଷ ନ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଆଉ କିନ୍ନର ଭୋଟର୍‌ମାନ୍‌କର୍ ଲାଗି ଗୁଟେ ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଦିବ୍ୟାଙ୍ଗ ଭୋଟର୍‌ମାନ୍‌କର୍ ଲାଗି ବୁଥ୍ ନ ହ୍ୱିଲ୍ ଚେୟାର୍ ସୁବିଧା ସହେତେ ସେମାନ୍‌କୁ ସାହାଜ୍ କର୍‌ବାର୍ ଲାଗି ସ୍ୱେଚ୍ଛାସେବୀ ବ୍ୟବସ୍ଥା, ଘରୁ ମତଦାନ୍ କେନ୍ଦ୍ର ଆଉ ମତଦାନ୍ କେନ୍ଦ୍ରନୁ ଘର୍‌କେ ଆନ୍‌ବାର୍ ଲାଗି ମାହାଲିଆ ପରିବହନ୍, ଦୃଷ୍ଟିବାଧିତ ଭୋଟର୍‌ମାନ୍‌କର୍ ଲାଗି ବ୍ରେଲ୍ ପେପର୍‌ର ବ୍ୟବସ୍ଥା ଆଉ ରେମ୍ପ୍ ସୁବିଧା କରାଯାଇଛେ ବଲି ବୈଠକ୍‌ଥି ସୂଚ୍‌ନା ଦିଆଯାଇଥିଲା ।

ବୁର୍ଲା ଭୀମ୍‌ସାର୍- ଛୁଆ-ଡାଇଲିସିସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ବୁର୍ଲା ଭୀମସାର୍‌ର ନେଫ୍ରୋଲୋଜି ବିଭାଗ୍‌ଥି ପେଡ଼ିଆଟ୍ରିକ୍ ଡାଇଲିସିସ୍ ସେବା ମୁଲ୍ ହେଇଛେ । ଇଥି ପର୍ଶ୍ଚିମ ଓଡ଼ିଶାର୍ କିଡ୍‌ନୀ ରୋଗ୍‌ଥି ପଡୁଥିବା ଛୁଆମାନେ ଲାଭ୍ ପାଇପାର୍‌ବେ । ଆଘୋନୁ ବୁର୍ଲା ନ  ଛୋଟ୍ ଛୁଆମାନ୍‌କର୍ ଲାଗି ଇ ବ୍ୟବସ୍ଥା ନାଇଁଥାଇ ।

ପାଣିପାଗ　　　　　　　　　　　　　　　　ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଗଲା କେତେ ଦିନ୍ ହେଲା ଜବର୍ ଖରା ଜାରି ରହିଛେ । ଇଟା ଆଉ ୨ ହପ୍ତାତକ୍ ଲାଗି ରହେବା । ଇଥିର୍‌ଲାଗି ୧୫ ଟା ଜିଲ୍ଲାକେ ରେଡ୍ ଆର୍ ୧୮ ଟା ଜିଲ୍ଲାକେ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛେ । ଇ ସବୁ ଜାଗା ମାନ୍‌କେ ସ୍ୱାଭାବିକ୍‌ନୁ ୩ ନୁ ୬ ଡିଗ୍ରୀତକ୍ ତାତି ଅଏତ୍‌କା ରହେବାର୍ ସହେତେ ଜବର୍ ଗ୍ରୀଷ୍ମପ୍ରବାହ ଥିତି ଲାଗି ରହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ ।